ଧରିତ୍ରୀ DHARITRI
ବ୍ରହ୍ମପୁର, ଗୁରୁବାର, ଜାନୁୟାରୀ ୭, ୨୦୨୧



## ବାଲି ଟ୍ରାକ୍ଟରରୁ ଜରିମାନା ଆଦାୟ

ରାୟଗଡ (ଗଜପତି): ଗଜପତି ଜିଲ୍ଲା ରାୟଗଡ଼ ଥାନା ପୋଲିସ ବୁଧବାର ବେଆଇନ ବାଲି ଚାଲାଣ କରିବା ଅଭିଯୋଗରେ ଏକ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ରାୟଗଡ଼ ତହସିଲଦାର ଲୀଳାବତି ଆଚାର୍ଯ୍ୟ ପହଞ୍ଚି ଉକ୍ତ ଗାଡ଼ିରୁ ୨୫, ୬୦୫ ଟଙ୍କା ଜରିମାନା ଆଦାୟ କରିଥିବା ଥାନାଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି। ଉକ୍ତ ଧରପଗଡ ଯୋଗୁ ବିଭିନ୍ନ ମହଲରେ ସ୍ୱାଗତ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଯାଞ୍ଚ କଡ଼ାକଡି କରିବାକୁ ସାଧାରଣରେ ଦାବି ହେଉଛି।

### ସଂକ୍ଷେପରେ

## କୁକୁର କାମୁଡ଼ାରେ ଶମ୍ବର ଗୁରୁତର

**ପାରଳାଖେମୁଣ୍ଡି, ୬।୧ (ଡି.ଏନ୍.ଏ.)-** ଗଜପତି ଜିଲ୍ଲା ଗୋସାଣି ବ୍ଲକଠାରେ ବୁଲା କୁକୁର ଆକ୍ରମଣରେ ଜଙ୍ଗଲରୁ ଚାଲି ଆସିଥିବା ଏକ ଶମ୍ବର ଗୁରୁତର ହୋଇଛି। ବୁଧବାର ଭୋରରୁ ଶମ୍ବରଟି ଗୋଷାଣି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ପାଣି ଅନ୍ୱେଷଣରେ ଆସିଥିବାବେଳେ ବୁଲା କୁକୁରଙ୍କ ହାବୁଡରେ ପଡିଯାଇଥିଲା। ୪ଟି ବୁଲାକୁକୁର ଶମ୍ବରଟିକୁ ଆକ୍ରମଣ କରି ଖଣ୍ଡିଆଖାବରା କରିଦେଇଥିଲେ। ବନକର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଚଳାଇଛନ୍ତି।

## ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ପାରଳାଖେମୁଣ୍ଡି, ୬।୧ (ଡି.ଏନ୍.ଏ.)-** ଗଜପତି ଜିଲା ମୁଖ୍ୟ କୃଷି ଅଧିକାରୀ ଭାବେ କୈଳାଶ ଚନ୍ଦ୍ର ସାମନ୍ତରାୟ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।



ପୂର୍ବରୁ ସେ କଟକ ବାଙ୍କିଠାରେ ସହକାରୀ କୃଷିଅଧିକାରୀ ଦାୟିତ୍ୱରେ ଥିଲେ। ସେ କହିଛନ୍ତି, କୃଷି ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ତୃଣମୂଳ ସ୍ତରରେ ଯେପରି ପହଞ୍ଚି ପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନା, ପିଏମ୍ କିଷାନ ଯୋଜନାର ସୁବିଧା ଯେପରି ଚାଷୀମାନେ ପାଇପାରିବେ ତା ଉପରେ ଗୁରୁତ୍ୱ ଦିଆଯିବ।

## ଆହତ ଦମ୍ପତିଙ୍କୁ ମେଡିକାଲ ନେଲେ ଉପଜିଲାପାଳ

**ଗୋପାଳପୁର, ୬।୧-** ୧୬ନଂ ଜାତୀୟ ରାଜପଥରେ ବୁଧବାର ଦୁର୍ଘଟଣାରେ ଆହତ ହୋଇଥିବା ଦମ୍ପତିଙ୍କୁ ଉପଜିଲାପାଳ ଭି.କିର୍ତ୍ତୀଭାସନ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ନେଇ ମାନବିକତା ଦେଖାଇଛନ୍ତି। ଗୋପାଳପୁର ଥାନା ଜଗନ୍ନାଥପୁର ଛକ ଓ ଗୋପାଳପୁର ଜଙ୍କସନ ମଧ୍ୟଭାଗରେ ଜଣେ ଦମ୍ପତି ଏକ ବାଇକ୍ ଯୋଗେ ଇଚ୍ଛାପୁର ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଉପଜିଲାପାଳ ସେମାନଙ୍କୁ ଦେଖି ଅଟକିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଉପଜିଲାପାଳ ଆହତଙ୍କୁ ନିଜ ଗାଡ଼ିରେ ବ୍ରହ୍ମପୁର ମେଡ଼ିକାଲରେ ପହଞ୍ଚାଇଥିଲେ।

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାବି

**ବୁଗୁଡ଼ା, ୬।୧ (ଡି.ଏନ.ଏ.)-** ବୁଗୁଡ଼ା ବ୍ଲକ କାନସୁକା ଗ୍ରାମରେ ବ୍ୟକ୍ତିଙ୍କ ପଟ୍ଟା ଜମିରେ ୨ୟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଯୋଜନା ଚାଲିଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମରେ ପିଲା ସଂଖ୍ୟାକୁ ଦୃଷ୍ଟିରେ ରଖି କାନସୁକାରେ ୨ୟ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ଅର୍ଥ ମଞ୍ଜୁର ହୋଇଛି। କିନ୍ତୁ ଜାଗା ଚିହ୍ନଟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗ୍ରାମବାସୀ କାନସୁକା ଗାଁର ମିଲସାହି ଛକରେ ଥିବା ସରକାରୀ ଜାଗାରେ ଉକ୍ତ କେନ୍ଦ୍ର କରିବାକୁ ଦାବି କରଥିବା ବେଳେ କେତେଜଣ ଲୋକ ବ୍ୟକ୍ତିଗତ ଜମିରେ କେନ୍ଦ୍ର ନିର୍ମାଣ କରି ପରବର୍ତ୍ତୀ ସମୟରେ ଜବରଦଖଲ କରିବାକୁ ଯୋଜନା ରଖିଥିବା ଗ୍ରାମବାସୀ ସିଡିପିଓ, ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ତନ୍ମୟ ପାତ୍ର ସରକାରୀ ବିଦ୍ୟାଳୟ ପରିସରରେ କେନ୍ଦ୍ର ହେବ ବୋଲି କହିଛନ୍ତି।

# କାୟାକଳ୍ପ ଟିମ୍‌ର ୨ ମେଡିକାଲ ପରିଦର୍ଶନ

**ଭଞ୍ଜନଗର/ ଶେରଗଡ , ୬।୧ (ଡି.ଏନ.ଏ)**

କାୟାକଳ୍ପ ଟିମ୍ ବୁଧବାର ଭଞ୍ଜନଗର ଉପଖଣ୍ଡ ହସ୍‌ପିଟାଲ, ଗାଲେରୀ ଏବଂ ଗୋବରା ମେଡିକାଲ ପରିଦର୍ଶନରେ ଆସିଥିଲେ। ଟିମ୍‌ର ଅଧିକାରୀମାନେ ମେଡିକାଲ ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା, ବର୍ଜ୍ୟବସ୍ତୁ ପରିଚାଳନା ପ୍ରମୁଖ ବିଷୟରେ ଅନୁଧ୍ୟାନ କରିଥିଲେ। ଟିମ୍‌ରେ ଡ.ପ୍ରତିଭା ପ୍ରଧାନ, ଡ.ଅସିତ୍ କୁମାର ମହାନ୍ତି ଓ ଡ. ଶ୍ରୀପତି ଦାସମହାପାତ୍ର ଥିଲେ। ଟିମ୍ ଭଞ୍ଜନଗର ମେଡିକାଲ ପରିଦର୍ଶନ ସମୟରେ ମେଡିକାଲ ଅଧୀକ୍ଷକ ଡ. ସୀତାଂଶୁ ଶେଖର ଶତପଥୀ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ମେଡିକାଲ ଗୁଡିକର ବିଭିନ୍ନ ଦିଗକୁ ଦେଖି ୬୦୦ ମାର୍କକୁ ଆଧାର କରି ପୁରସ୍କାର ପ୍ରଦାନ କରାଯାଉଛି। ଭଞ୍ଜନଗର ମେଡିକାଲ ପୂର୍ବରୁ ୨ଥର କାୟାକଳ୍ପ ପୁରସ୍କାର ବିଜେତା ହୋଇଛି।



କାୟାକଳ୍ପ ଟିମ୍ ଶେରଗଡ ମେଡିକାଲ ପରିଦର୍ଶନ କରୁଛି ।

### ଶେରଗଡ଼, ଭଞ୍ଜନଗର ମେଡିକାଲ

ସେହିପରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର କାୟାକଳ୍ପ ଟିମ୍ ପରିଦର୍ଶନ କରିଛି। ଭାରପ୍ରାପ୍ତ ଅଧିକାରୀ ଡ. ଶାନ୍ତିଦେବୀ ସମନ୍ତଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିବା ପରେ ଟିମ୍ ସଦସ୍ୟମାନେ ପ୍ରସୂତି ଗୃହ, ଅର୍ନ୍ତ ବିଭାଗ, ବର୍ହି ବିଭାଗ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ଓ ଔଷଧ ଭଣ୍ଡାର ଆଦି ବୁଲି ଦେଖିଥିଲେ। ଏହାପରେ ଏକ ବୈଠକ କରି ମେଡିକାଲ ସ୍ଥିତି ସମ୍ପର୍କରେ ଭାରପ୍ରାପ୍ତ ଅଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ। ପରେ ବିଭିନ୍ନ ଦକ୍ଷତା ମାପିବା ପାଇଁ ୩ଟି ଟିମ୍ ମେଡିକାଲ ପରିସରରେ ଶୌଚାଳୟ ସହ ବିଭିନ୍ନ ବିଭାଗ ଯାଞ୍ଚ କରି ର୍‌ୟାଙ୍କ କାର୍ଡରେ ଲେଖିଥିଲେ। ଏହି ର୍‌ୟାଙ୍କରେ ରେଙ୍କ କାର୍ଡରେ ଶେରଗଡ ମେଡିକାଲ ଯୋଗ୍ୟ ବିବେଚିତ ହେଲେ ରାଜ୍ୟ ସ୍ତରକୁ ମନୋନିତ ହେବ। ପରେ ରାଜ୍ୟସ୍ତରୀୟ ଟିମ୍ ଆସି ଯାଞ୍ଚ କରିବେ। ଏହି ଟିମ୍‌ରେ ଡାଇରେକ୍ଟର ହେଲ୍‌ଥ ସର୍ଭିସ୍‌ର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସଞ୍ଜୁ ଦାସ, ସୌମ୍ୟଶ୍ରୀ ମହାପାତ୍ର, ଚକ୍ରଧର ସାହୁ, ଗଞ୍ଜାମ ଜିଲା ଆଶା ସଂଯୋଜକ ଆଶିଶ ମିଶ୍ର, ଶକ୍ତି କୁମାର ଦିଗାଲ, ଡିଏମ୍‌ଆର୍‌ସି ପ୍ରମୁଖ ପରିଦର୍ଶନରେ ଆସିଥିଲେ। କାୟାକଳ୍ପ ପୁରସ୍କାର ପାଇବା ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗର ଅଧିକାରୀ ମାନଙ୍କ ସଂଶ୍ଳିଷ୍ଟ ରହିବା ସହ ନିଜସ୍ତରରୁ ଅଗ୍ରଗତି ପାଇଁ ଚେଷ୍ଟା କରିବା ଦରକାର ବୋଲି ଆଶା ସଂଜୋଜକ ଶ୍ରୀ ମିଶ୍ର କହିଛନ୍ତି। ଏହି ସମୟରେ ଡ.ମନ୍ମଥକୁମାର ବେହେରା, ବିଇଓ କୁଞ୍ଜ ବିହାରୀ ନାୟକ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବାଚସ୍ପତିଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା



ବାଚସ୍ପତି ଉଦ୍‌ବୋଧନ ଦେଉଛନ୍ତି।

**କୁକୁଡ଼ାଖଣ୍ଡି, ୬।୧**

ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବୁଧବାର କୁକୁଡ଼ାଖଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ। ଅଙ୍ଗନୱାଡି ସଭାନେତ୍ରୀ ବାଚସ୍ପତିଙ୍କୁ ଫୁଲତୋଡା ଦେଇ ନବ ବର୍ଷର ଅଭିନନ୍ଦନ ଜଣାଇଥିଲେ। ବାଚସ୍ପତି କୁକୁଡ଼ାଖଣ୍ଡି ସ୍ନାତକ ମହାବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟନ କରିଥିଲେ। ପରେ ତହସିଲ କାର୍ଯ୍ୟାଳୟରେ ପରିସରରେ ସ୍ଥାନୀୟ ତହସିଲଦାର ଡ.ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ବାଚସ୍ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୨୦୦ର ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନାତନ ସଂଗ୍ରାମ ସିଂ, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, କାହ୍ନୁ ଚରଣ ପାତ୍ର, ରାଜସ୍ୱ ନିରୀକ୍ଷକ ରଞ୍ଜନ ପାତ୍ର, ନାରାୟଣ କାର୍ଜି, ପ୍ରମିଳା ଡୋରା, ମାଣିକେଶ୍ୱରୀ ପଟ୍ଟନାୟକ, ଶୁଦେଷ୍ଣା ଜେନା ଏବଂ ପ୍ରମିଳା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଅଞ୍ଚଳ ଗସ୍ତ କରି ସମସ୍ୟା ବୁଝିଲେ ମନ୍ତ୍ରୀ



ମନ୍ତ୍ରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

**ଭଞ୍ଜନଗର, ୬।୧ (ଡି.ଏନ.ଏ)**

କରୋନା କଟକଣା କମିବା ପରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କିଛିଦିନ ହେଲା ଅଞ୍ଚଳରେ ରହି ଲୋକଙ୍କ ସହ ପ୍ରତ୍ୟେକ୍ଷ ଭାବେ ମିଶୁଛନ୍ତି। ଏଥିସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ ହେଉଛି। ବୁଧବାର ମୁଦୁଲିପଲ୍ଲୀଠାରେ ଲୋକଙ୍କ ସହ ଆଲୋଚନାବେଳେ ମନ୍ତ୍ରୀ କହିଥିଲେ, ମୁଦୁଲିପଲ୍ଲୀ ଏକ ନୂଆ ପଞ୍ଚାୟତ, ଏହାର ବିକାଶ କରାଯାଇଛି, ଆଗାମୀ ଦିନରେ ଆହୁରି କାମ ହେବ। ଏଠାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ସରପଞ୍ଚ ଗୀତାଞ୍ଜଳି ନାୟକ, ସମିତିସଭ୍ୟ କୁନି କୁମାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସଭାକୁ କାହ୍ନୁ ଚରଣ ପ୍ରଧାନ, ହାଡୁବନ୍ଧୁ ସ୍ୱାଇଁ, ଲକ୍ଷ୍ମୀଚରଣ ସ୍ୱାଇଁ, ସଦାନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହାପରେ ବାଉଁଶଲୁଣ୍ଡି ପଞ୍ଚାୟତ ଲୋକଙ୍କ ସହ ମଧ୍ୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ମୁଦୁଲିପଲ୍ଲୀ, ଜିଲୁଣ୍ଡି ପ୍ରମୁଖ ପଞ୍ଚାୟତର ଶତାଧିକ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ ସହ ସମସ୍ୟା ପଚାରି ବୁଝିଥିଲେ।

## ବାଇକ୍ ଚାଳକଙ୍କୁ ୭ହଜାର ଜରିମାନା

**ସୋରଡା, ୬।୧ (ଡି.ଏନ୍.ଏ.)**

ସୋରଡା ପୋଲିସ ହେଲ୍‌ମେଟ ଓ ଗାଡି କାଗଜପତ୍ର ଯାଞ୍ଚ କଡାକଡି କରିଛି। ପୋଡଖାରି, ଜରଉ ଛକ, ପୋଲିସ୍ ଲାଇନ, ପଞ୍ଚାନନ ଛକରେ ପ୍ରତିଦିନ ଯାଞ୍ଚ କରାଯାଉଛି। ମାତ୍ର ଅମାନିଆ ମାନିବାକୁ ନାରାଜ। ବୁଧବାର ବିନା ହେଲ୍‌ମେଟ୍ ଓ ଡ୍ରିଏଲ୍‌ରେ ୩ଜଣ ବସି ଯାଉଥିବା ବେଳେ ସୋରଡା ଭଞ୍ଜନଗର ରାସ୍ତା କଣ୍ଟେଇପଲ୍ଲୀ ଛକରେ ପୋଲିସ ହାବୁଡରେ ପଡିଥିଲେ ସୋରଡା ଆଡପମଣ୍ଡପର ଜଣେ ବାଇକ୍ ଚାଳକ। ଡିଏଲ୍ ନଥିବାରୁ ୫ହଜାର, ୩ ଜଣ ବସିଥିବାରୁ ୧ହଜାର ଓ ହେଲମେଟ୍ ପିନ୍ଧି ନଥିବାରୁ ୧ହଜାର ଏପରି ମୋଟ ୭ହଜାର ଟଙ୍କା ଚାଲାଣ କରିଛି।

## ବନ୍ୟଜନ୍ତୁ ଘଉଡ଼ାଇବା ପାଇଁ ତାଲିମ

**ଭଞ୍ଜନଗର, ୬।୧ (ଡି.ଏନ୍.ଏ.)**

ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ବନ୍ୟଜନ୍ତୁଙ୍କୁ ଘଉଡ଼ାଇବା ପାଇଁ ନୂଆ ପଦକ୍ଷେପ ନିଆଯାଇଛି। ଜଗନ୍ନାଥପ୍ରସାଦ ରେଞ୍ଜ କାର୍ଯ୍ୟାଳୟ ପରିସରରେ ବନଖଣ୍ଡର ସମସ୍ତ ରେଞ୍ଜର ଏବଂ କେତେଜଣ ବନପାଳଙ୍କୁ ମଲ୍ଟିଫୁଲ ଗନ୍ ସଟ୍, ବାୟୋ ଆକ୍ୟୁଷ୍ଟିକ୍ ବ୍ୟବହାର ଉପରେ ତାଲିମ ଦିଆଯାଇଥିଲା। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବନାହିଁ। ମଲ୍ଟିଫୁଲ ଗନ୍ ସଟ୍‌କୁ ବ୍ୟବହାର କଲେ ଏହା ଗୋଳାବାରୁଦ ଫୁଟିଲା ଭଳି ଶବ୍ଦ ହେବ। ଫଳରେ ବନ୍ୟଜନ୍ତୁ ଭୟରେ ଜଙ୍ଗଲମୁହାଁ ହେବେ। ବାୟୋ ଆକ୍ୟୁଷ୍ଟିକ୍ ବ୍ୟବହାର କଲେ ବାଘ ଓ ସିଂହ ଗର୍ଜନ ଭଳି ଶୁଣାଯିବ। ଏହା ହାତୀ, ବାର୍‌ହା ଘଉଡ଼ାଇବାରେ ଫଳପ୍ରଦ ହେବ। ଯନ୍ତ୍ରଗୁଡ଼ିକୁ କିଭଳି ବ୍ୟବହାର କରାଯିବ ସେ ସମ୍ପର୍କରେ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଡିଏଫ୍‌ଓ ଅଭୟ କାନ୍ତ ଦଳେଇ, ଏସିଏଫ ସୁଦର୍ଶନ ଦାବୀ, ଜଗନ୍ନାଥପ୍ରସାଦ ରେଞ୍ଜର ଉତ୍କଳ କେଶରୀ ଦାସ ପ୍ରମୁଖ ତାଲିମ ବେଳେ ଉପସ୍ଥିତ ଥିଲେ।

## ଶୌଚାଳୟ, ଯାତ୍ରୀ ବିଶ୍ରାମାଗାର ନ ଥିବାରୁ କ୍ଷୋଭ

**ଗଞ୍ଜାମ, ୬।୧ (ଡି.ଏନ.ଏ.)**

### ବରିଷ୍ଠ ନାଗରିକ ପରିଷଦର ବାର୍ଷିକୋତ୍ସବ

ଗଞ୍ଜାମ ସହର ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଗୌରୀଶଙ୍କର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ବ୍ରଜ ପାଣିଗ୍ରାହୀ, ବୃନ୍ଦାବନ ପଲାଇ, ରମେଶ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସହରରେ ଶୌଚାଳୟ କିମ୍ବା ଯାତ୍ରୀ ବିଶ୍ରାମଗାର ନ ଥିବାରୁ ମଞ୍ଚ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ଗଞ୍ଜାମ ସହରର ବିଭିନ୍ନ ସମସ୍ୟା ସହ ଉନ୍ନୟନ ନିମନ୍ତେ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଏହାକୁ ଆଧାର କରି ଶିକ୍ଷାଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ, ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଉପଜିଲାପାଳ, ତହସିଲଦାର ଓ ଏନଏସି ଇଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ପରିଷଦ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଜିଲାପାଳ ପରିଷଦ ସଭାପତିଙ୍କୁ ମଧ୍ୟ ଚିଠି କରି ଜଣାଇଛନ୍ତି। ଏନ୍‌ଏସି ବାସିନ୍ଦାଙ୍କୁ ଘରପଟ୍ଟା ପ୍ରଦାନ, ଋଷିକୁଲ୍ୟା ନଦୀରେ ଦାମୋଦରପୁର ଠାରୁ କଲ୍ୟାଣପୁର ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ, ହୀରାଧାର ବାଟି କେନାଲ ସମ୍ପ୍ରସାରଣ ଆଦି ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ପରିଷଦ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା।

## ଦରମା ପାଇଲେ ମହିଳା ବିଚାରାଧୀନ ବନ୍ଦୀ

**ପାରଳାଖେମୁଣ୍ଡି, ୬।୧ (ଡି.ଏନ୍.ଏ.)–**

ଗଜପତି ଜିଲା ପାରଳାଖେମୁଣ୍ଡି ଉପକାରାଗାରର ଜଣେ ବିଚାରାଧୀନ ମହିଳା ବନ୍ଦୀଙ୍କ ଅନ୍ତରୀଣ ଦରମା ସଂକ୍ରାନ୍ତୀୟ ଦରଖାସ୍ତକୁ ଗ୍ରହଣ କରି ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ବ୍ୟୋମକେଶ ନାୟକ କିପରି ଉପଯୁକ୍ତ ପ୍ରାପ୍ୟ ପାଇପାରିବ ତ୍ୱରିତ ପଦକ୍ଷେପ ନେଇଥିଲେ।

ପ୍ରକାଶ ଥାଉକି, ଏକ ହତ୍ୟା ମାମଲାରେ ଜଣେ ମହିଳା ବିଚାରଧୀନ ବନ୍ଦୀ ଭାବେ ସ୍ଥାନୀୟ ପାରଳାଖେମୁଣ୍ଡୀ ଉପକାରଗାରରେ ଅଛନ୍ତି। ଏହି ମାମଲାରେ ଜଡିତ ହେବା ପୂର୍ବରୁ ସେ ଜିଲାର ଏକ ସରକାରୀ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିଲେ। ହତ୍ୟା ମାମଲାରେ ଜଡିତ ପରେ ତାଙ୍କୁ ନିଲମ୍ବିତ କରାଯିବା ସହ ଦରମା ବନ୍ଦ କରି ଦିଆଯାଇଥିଲା। ଫଳରେ ପିଲାମାନଙ୍କ ରହିବା ଓ ପାଠପଢା ଖର୍ଚ୍ଚ ସହ ଓକିଲ ଫିସ୍ ଦେବାକୁ ଅସୁବିଧା ହେଉଥିଲା। ପ୍ରାଧିକରଣ ସଚିବ ଜିଲା କାରାଗାର ପରିଦର୍ଶନବେଳେ ମହିଳା ଜଣକ ଗୁହାରୀ ଜଣାଇଥିଲେ। ଚାକିରୀ ନିଲମ୍ବନ ଜନିତ ଜୀବନ ନିର୍ବାହ ଭତ୍ତା ବା ସବ୍‌ସିଷ୍ଟାନ୍ସ ଆଲାଉନ୍ସ ସହ ପିଲାମାନଙ୍କ ପାଠ ପଢିବା ସୁବିଧା ଯୋଗାଇଦେବା ପାଇଁ ଦରଖାସ୍ତ ଦେଇଥିଲେ। ଆବେଦନକୁ ଗୁରୁତର ସହ ବିଚାରକୁ ନେଇ ପ୍ରାଧୀକରଣ ସଚିବ ବ୍ୟୋମକେଶ ନାୟକ ରାୟଗଡା ଜିଲାପାଳଙ୍କୁ ସରକାରୀ ନିୟମାବଳୀ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଜିଲାପାଳ ନିର୍ଦ୍ଦିଷ୍ଟ ସରକାରୀ କାର୍ଯ୍ୟାଳୟକୁ ତ୍ୱରିତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଉକ୍ତ ମହିଳା ବନ୍ଦୀ ଜଣକ ନିଜ ପିଲାମାନଙ୍କ ପାଠ ପଢିବା ସୁବିଧା ଓ ଜୀବନ ନିର୍ବାହ ପାଇଁ ସବସିଷ୍ଟାନ୍ସ ଆଲାଉନ୍ସ ପାଇଥିବା ଯୋଗୁ ପ୍ରାଧୀକରଣଠାରେ କୃତଜ୍ଞତା ଜ୍ଞାପନ କରିଥିଲେ।

## ଭାଜପାର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ଭାଜପା କର୍ମକର୍ତ୍ତା।

**ଦାରିଙ୍ଗବାଡ଼ି, ୬।୧ (ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ମିଶ୍ର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଭାଜପା ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ତଥା ପ୍ରଶିକ୍ଷକ ଭାବେ ଜିଲା ସଭାପତି ଜଗନ୍ନାଥ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ଉପସଭାପତି ବିଷ୍ଣୁଚରଣ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅର୍ଚ୍ଚନା ପ୍ରଧାନ, ପଦ୍ମ ଚରଣ ଦାସ, ଜିଲା ଓବିସି ସେଲ୍ ସଭାପତି ହରେନ୍ କୁମାର ସାହୁ, ସମ୍ପାଦକ ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ମଣ୍ଡଳର ନୂତନ କର୍ମକର୍ତ୍ତାଙ୍କୁ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରାଯାଇଥିଲା। ଶିବିରରେ ୧୦ଟି ବିନ୍ଦୁ ସହ ନୀତି ଆଦର୍ଶକୁ ଗୁରୁତ୍ୱ ଦିଆଯାଇଥିଲା। ଭାଜପାର ଇତିହାସ, ବିକାଶ, ତା'ର ବିଚାର, ଦାୟିତ୍ୱ, କାର୍ଯ୍ୟକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି, ଆଚରଣ, ଉଚ୍ଚାରଣ ଆଦି ଶିକ୍ଷଣ କରାଯାଇଛି। ମୋଦି ସରକାରଙ୍କ ଯୋଜନା ଗାଁ ଗାଁରେ କିଭଳି ପହଞ୍ଚାଇବେ ସେନେଇ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

## ମାଣ୍ଡିଆ ଅମଳ ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ

**ଫୁଲବାଣୀ ଅଫିସ, ୬।୧**

କନ୍ଧମାଳ ଜିଲା ବାଲିଗୁଡ଼ାଠାରେ ଓୟୁଏଟି ପକ୍ଷରୁ ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଯନ୍ତ୍ରଦ୍ୱାରା ଅମଳ ଓ ସଫା ହେଉଥିବା ମାଣ୍ଡିଆ ବଜାରରେ ଭଲ ଦରରେ ବିକ୍ରି ହୋଇପାରିବ ବୋଲି କୃଷି ବୈଜ୍ଞାନିକ, ବିଭାଗୀୟ ପଦସ୍ଥ ଅଧିକାରୀ କ୍ଷେତ୍ର ପ୍ରଦର୍ଶନ ସହ ଅନଲାଇନ ଆଲୋଚନାଚକ୍ରରେ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ ଜଣ ଅଗ୍ରଣୀ ଚାଷୀ, କୃଷିବିତ୍, ସରକାରୀ ପଦାଧିକାରୀ, ବେସରକାରୀ ଅନୁଷ୍ଠାନଗୁଡିକର କର୍ମକର୍ତ୍ତା ଭାଗନେଇ ଓୟୁଏଟି ପକ୍ଷରୁ ମାଣ୍ଡିଆ ଅମଳ ଓ ସଫା କରିବା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଭର୍ଚୁଆଲ କନଫରେନ୍ସରେ ଦେଖିଥିଲେ। ସେହିପରି ଅନ୍ୟ କୃଷି ଯନ୍ତ୍ରଗୁଡ଼ିକର କ୍ଷେତ୍ର ପ୍ରଦର୍ଶନ, କ୍ଷେତରେ ପରୀକ୍ଷଣ, ସରକାରୀ ରିହାତି ସହ ଚାଷୀମାନଙ୍କୁ ଯୋଗାଇ ଦେବାରେ ପ୍ରକଳ୍ପ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରକଳ୍ପ ଗବେଷଣା ଯନ୍ତ୍ରୀ ପ୍ରଫେଶର ସଂଗ୍ରାମ କେଶରୀ ସ୍ୱାଇଁ ବିବରଣୀ ଦେଇଥିଲେ। ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ କନ୍ଧମାଳ, କୃଷି ବିଭାଗ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ କେନ୍ଦ୍ର ଜି.ଉଦୟଗିରି, କୃଷି ବିଜ୍ଞାନ କେନ୍ଦ୍ର କନ୍ଧମାଳ ଓ ଓଡ଼ିଶା ମିଲେଟ ମିଶନ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଗବେଷଣା ଅଧୀକ୍ଷକ ପ୍ରଫେସର କସ୍ତୁରୀ ଚରଣ ଦାସ, ପ୍ରଫେସର ସଞ୍ଜୟ କୁମାର ଦାସ, ପ୍ରଫେସର ଦେବରାଜ ବେହେରା ପ୍ରମୁଖ ଯୋଗଦେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ, ଅଧିକ୍ଷଣ ଯନ୍ତ୍ରୀ ସୁଧାଂଶୁ କର, ନିର୍ବାହୀ ଯନ୍ତ୍ରୀ ସତ୍ୟ ରଞ୍ଜନ ରାଉତ, ସହକାରୀ ଗବେଷଣା ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଦେବତା, ଦିଲୀପ ବଡ଼ିଆ, କେବିକେ ମୁଖ୍ୟ ଡ଼. ଦେବାଶିଶ ମିଶ୍ର, ଓଡ଼ିଶା ମିଲେଟ ମିଶନର ଯୋଜନା ଅଧିକାରୀ ଅନିଲ ପ୍ରହରାଜ, କାର୍ଯ୍ୟକ୍ରମ ସଂଯୋଜକ ହେମନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ଚାଷୀମାନଙ୍କୁ କହିଥିଲେ।



ମାଣ୍ଡିଆ ଅମଳ ଯନ୍ତ୍ର ବିଷୟରେ ଅବଗତ କରାଯାଉଛି ।

## ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ

**ଗଞ୍ଜାମ, ୬।୧ (ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ବାଲିବଗଡ଼ ଗ୍ରାମସ୍ଥିତ କାଜୁ ଜଙ୍ଗଲଠାରେ ଜିଲା ପୋଲିସ ପକ୍ଷରୁ ଦକ୍ଷତା ବିକାଶ କେନ୍ଦ୍ର ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଳିକ, ଆଇପିଏସ୍ ଜି. ରାଘବେନ୍ଦ୍ର ରେଡ୍ଡୀ, ଆଡିସନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଡିଏଫ୍‌ଓ ଅମ୍ଳାନ ନାୟକ, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ତହସିଲଦାର ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରମ୍ଭା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକ ପ୍ରଶିକ୍ଷଣ ନେଇପାରିବେ ବୋଲି ଅତିଥିମାନେ କହିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ପ୍ରମୁଖ ଉପସ୍ଥିତ ଥିଲେ।

## ରାଇକିଆ, ସିରିକି, ଜି.ଉଦୟଗିରି, ଶ୍ରୀରାମପଦା ବିଜୟୀ



ଉପସ୍ଥିତ ଖେଳାଳି।

**ଜି.ଉଦୟଗିରି, ୬।୧ (ଡି.ଏନ.ଏ.)**

ହବାକ୍ ହାଇସ୍କୁଲ ଖେଳପଡିଆରେ ମଙ୍ଗଳବାରରୁ ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି । ଶ୍ରୀରାମପଦା ଫୁଟବଲ କ୍ଲବ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ୧୬ ଦଳ ଅଂଶଗ୍ରହଣ କରିଥିବା ବେଳେ ପ୍ରଥମ ଦିନରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ରାଇକିଆ ବନାମ ପାବୁରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଇକିଆ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସିରିକି ବନାମ ଫିରିଙ୍ଗିଆ ମଧ୍ୟରେ ହୋଇଥିଲା। ଏଥିରେ ସିରିକି ଦଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ଜି.ଉଦୟଗିରି ବନାମ ବନାଙ୍ଗିଆ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଜି.ଉଦୟଗିରି ବିଜୟୀ ହୋଇଥିଲା। ଭଞ୍ଜନଗର ବନାମ ଶ୍ରୀରାମପଦା (ବି) ମଧ୍ୟରେ ଅନୁଷ୍ଠିତ ଚତୁର୍ଥ ମ୍ୟାଚରେ ଶ୍ରୀରାମପଦା (ବି) ବିଜୟୀ ହୋଇଥିଲା। ଆୟୋଜକ କମିଟି ତରଫରୁ ସଭାପତି ସୂର୍ଯ୍ୟ କୁମାର ସାହୁ ସମ୍ପାଦକ ଗୋପିଚାନ୍ଦ ପ୍ରଧାନ ପ୍ରମୁଖ ଦାୟିତ୍ୱ ନେଇଥିଲେ। ୪ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ୮ ତାରିଖ ଅନୁଷ୍ଠିତ ହେବ।

